## ସଂକ୍ଷେପରେ

### ନାଲ୍‌କୋ ଟେକ୍ନିକାଲ ବିଲ୍ଡିଂରେ ଅଗ୍ନିକାଣ୍ଡ

ବଅଁରପାଳ, ୨୬।୯(ଡି.ଏନ.ଏ.)- ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ଟେକ୍ନିକାଲ ବିଲ୍ଡିଂରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। କାର୍ଯ୍ୟାଳୟରେ ଥିବା ଏକ ଏସିରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଜଣାପଡିଛି। ଘଟଣାସ୍ଥଳରେ ନାଲ୍‌କୋ ସିଆଇଏସଏଫ ଅଗ୍ନିସଂସ୍ଥାର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶଥାଉ କି, ମାସେ ପୂର୍ବରୁ ନାଲ୍‌କୋ ସିପିପିର ପ୍ରଶାସନିକ କାର୍ଯ୍ୟାଳୟରେ ଏସିରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିଲା।

### କନଷ୍ଟେବଲଙ୍କୁ ଧମକ ଦେଇ ଯୁବକ ଗିରଫ

ବଅଁରପାଳ, ୨୬।୯(ଡି.ଏନ.ଏ.)- ବଅଁରପାଳ ଥାନା ଅନ୍ତର୍ଗତ ମହାଧରପୁର ଫାଣ୍ଡିର କନଷ୍ଟେବଳ ସନ୍ତୋଷ ବେହେରାଙ୍କୁ ଧମକ ଦେବା ସହ ଗାଳିଗୁଲଜ କରିବା ଅଭିଯୋଗରେ ପୋଲିସ ସୁନୀଲ ପ୍ରଧାନ ନାମକ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ଦୁଇ ଟ୍ରକ୍ ମୁହାଁମୁହିଁ, ଜଣେ ମୃତ

ପାଲଲହଡ଼ା, ୨୬।୯(ଡି.ଏନ.ଏ.)- ପାଲଲହଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଛକ ୧୪୯ ନମ୍ବର ଜାତୀୟ ରାଜପଥରେ ବୁଧବାର ରାତି ପ୍ରାୟ ସାଢେ ୮ଟାରେ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ନାହିଁ। ପାଲଲହଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ୨ ଅଭିଯୁକ୍ତ ଗିରଫ

କଣିହାଁ, ୨୬।୯(ଡି.ଏନ.ଏ.)- କଣିହାଁ ଥାନା ପୋଲିସ କୋର୍ଟଙ୍କ ଗିରଫ ପରୱାନାକୁ ନେଇ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତାଳପଦା ଗ୍ରାମର ଲୋଚନ ନାଏକ ଓ ନରେଶ ନାଏକ। ଉଭୟେ ସମ୍ପର୍କରେ ଦାଦା ପୁତୁରା ହେବେ ବୋଲି ଜଣାପଡିଛି। ଥାନା ସୂଚନାରୁ ଜଣାଯାଏ, ୨୦୦୭ରେ ଉଭୟଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ଗିରଫ କରାଯାଇଛି।

### ଶାନ୍ତି, ସୁରକ୍ଷା ଉପରେ ଗୁରୁତ୍ୱ

କଣିହାଁ, ୨୬।୯(ଡି.ଏନ.ଏ.)- କଣିହାଁ ଥାନା ପକ୍ଷରୁ ବୁଧବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଏସ୍‌ଆଇ ପି. କେ. ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାଳନ୍ଦୀ ପ୍ରଧାନ, କିଶୋରୀ ସାହୁ, ସୁନୀଲ ପ୍ରଧାନ, କଳାକାର ସାହୁ, ପ୍ରଦ୍ୟୁମ୍ନ ସାହୁ, ସୁଧାକର ପ୍ରଧାନ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା, ଜନ ସାଧାରଣଙ୍କ ସୁରକ୍ଷା, ପାଟ୍ରୋଲିଂ ବ୍ୟବସ୍ଥା ଆଦି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

### ଲକ୍ଷ୍ମୀଧରପୁରରେ ଗଣେଶ ଭସାଣି

ଛେଣ୍ଡିପଦା,୨୬।୯(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଜେରଙ୍ଗ ଦେହୁରୀସାହି ପଞ୍ଚାୟତ ଲକ୍ଷ୍ମୀଧରପୁର ଗ୍ରାମରେ ବୁଧବାର ୧୩ ଦିନ ଧରି ଚାଲିଥିବା ଗଣେଶ ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯଥାବିଧି ପୂଜାନୀତି ପରେ ଠାକୁରଙ୍କୁ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ଢୋଲ ବାଦ୍ୟ ଘଣ୍ଟ ଘଣ୍ଟା, ଡିଜେ ସାଉଣ୍ଡ ତାଳେ ତାଳେ ପୂଜା କମିଟି ସଦସ୍ୟମାନେ ଗଣେଶଙ୍କ ମୂର୍ତ୍ତିକୁ ସୁସଜ୍ଜିତ ଯାନରେ ନେଇ ନିକଟସ୍ଥ ପୋଖରୀରେ ବିସର୍ଜନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

### ଟାଉନଶିପ୍ ବସ୍‌ଷ୍ଟାଣ୍ଡ ପକ୍ଷରୁ ଭସାଣି

ବଅଁରପାଳ, ୨୬।୯(ଡି.ଏନ.ଏ.)- ନାଲ୍‌କୋ ଟାଉନଶିପ୍ ବସଷ୍ଟାଣ୍ଡ ପକ୍ଷରୁ ପ୍ରଭୁ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବାଦ୍ୟ ବାଜଣା ସହକାରେ ପ୍ରଭୁଙ୍କୁ ନାଲ୍‌କୋନଗର ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା। ବସ୍‌ଷ୍ଟାଣ୍ଡ ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ମାନସ ରଞ୍ଜନ ବାରିକ, କୋଷାଧ୍ୟକ୍ଷ ଅଜୟ ସାହୁଧ୍, ଉପଦେଷ୍ଟା ରାଜୀବ ଜେନା, ବିଷ୍ଣୁ ଚରଣ ବେହେରା, ପ୍ରମୋଦ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଘରୁ ଡାକି ଚାଳକଙ୍କୁ ହତ୍ୟା ଅଭିଯୋଗ

■ଥାନା ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ



ମୃତଦେହ ରଖି ସ୍ଥାନୀୟ ଲୋକେ ଆନ୍ଦୋଳନ କରୁଛନ୍ତି।

ବଅଁରପାଳ, ୨୬।୯(ଡି.ଏନ.ଏ.)

ବଅଁରପାଳ ଥାନା ଅନ୍ତର୍ଗତ ସାଲଗାଡିଆ ଗ୍ରାମର ପ୍ରକାଶ ଚନ୍ଦ୍ର ସାମଲ(୨୭)ଙ୍କୁ ଘରୁ ଡାକିନେଇ ହତ୍ୟା କରାଯାଇଥିବା ତାଙ୍କ ମା ରେବତୀ ସାମଲ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି ସହ ପରିବାରକୁ କ୍ଷତିପୂରଣ ଦିଆଯିବା ଦାବିରେ ଥାନା ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରାଯାଇଛି। ଅଭିଯୋଗରୁ ପ୍ରକାଶ, ପ୍ରକାଶ ଦେଢ ବର୍ଷ ହେଲା ସେହି ଅଞ୍ଚଳର ଅଭୟ ନାମକ ଜଣେ ବ୍ୟକ୍ତିଙ୍କ ନିକଟରେ ଚାଳକ ଭାବେ କାମ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକ ପ୍ରକାଶଙ୍କୁ ଅଭୟ ଡାକୁଥିବା କହି ଡାକି ନେଇଥିଲେ। ସେଠାରେ ସେମାନେ ପ୍ରକାଶଙ୍କୁ ମାଡ଼ ମାରିବା ପରେ ଗୁରୁତର ଅବସ୍ଥାରେ ବଅଁରପାଳର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏ ନେଇ ପରିବାର ଲୋକ ଖବରପାଇ ଡାକ୍ତରଖାନାକୁ ଆସିଥିଲେ। ପରେ ପ୍ରକାଶଙ୍କୁ କଟକ ସ୍ଥାନାନ୍ତର କରାଯିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ରେବତୀ ଥାନାରେ ଅଭିଯୋଗ କରିବା ପରେ ପ୍ରାୟ ୭ ଘଣ୍ଟା ଧରି ଥାନା ସମ୍ମୁଖରେ ମୃତଦେହ ରଖି ପରିବାର ଓ ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ପୋଲିସ ନଂ. ୧୮୪/୨୦୧୮ରେ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିବା ଥାନା ଅଧିକାରୀ କନକ କୁମାର ମାଝି ସୂଚନା ଦେଇଛନ୍ତି।

## ଶିକ୍ଷକ ବଦଳି ପାଇଁ ଦାବିପତ୍ର

ବଇଣ୍ଡା, ୨୬।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ଝରାବେରେଣୀ ପଞ୍ଚାୟତ ଗାଡଘୁମରା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭଗବାନ ନାୟକ ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ବଦଳି ଦାବିରେ ଗ୍ରାମବାସୀ ବୁଧବାର କିଶୋରନଗର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ ବ୍ଲକ ଅଧକ୍ଷାଙ୍କୁ ପ୍ରଦାନ କରାଯାଇଛି। ଗ୍ରାମବାସୀ କହିଛନ୍ତି, ୨ ଜଣ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ ମଧ ଠିକ୍ ସମୟରେ ପାଠ ପଢାଯାଉ ନ ଥିବାରୁ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଭୟ ଶିକ୍ଷକ ନିୟମିତ ସ୍କୁଲକୁ ଆସୁ ନ ଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇ ପାଠ ନ ପଢି ଘରକୁ ଫେରୁଛନ୍ତି। ତେଣୁ ତୁରନ୍ତ ସେମାନଙ୍କୁ ଅନ୍ୟତ୍ର ବଦଳି କରି ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦେବାପାଇଁ ଗ୍ରାମର କଷ୍ଟୁ ନାୟକ, ରଣ୍ଜିତ ମହାନନ୍ଦିଆ, ରତ୍ନାକର ସାହୁ, ରଣଜିତ୍ ନାୟକ, ଲମ୍ବୋଦର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ୧୫ ଦିନ ମଧ୍ୟରେ ବଦଳି କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ବିଡିଓ ଅମୃତା ପ୍ରିୟମ୍ବଦା କୁହନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ତଦନ୍ତ ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯିବ।

# ଗାଡ଼ରଖାଇ ଗ୍ରାମବାସୀଙ୍କ ଆନ୍ଦୋଳନ ସ୍ଥଗିତ

ଅନୁଗୋଳ ଅଫିସ, ୨୬।୯

ବଅଁରପାଳ ବ୍ଲକ ଗାଡ଼ରଖାଇ ଗ୍ରାମବାସୀଙ୍କ ଦ୍ୱାରା ଆସନ୍ତା ୨୭ ତାରିଖରେ ହେବାକୁ ଥିବା ନାଲ୍‌କୋ ରେଳରୋକୋ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ବୁଧବାର ପୂର୍ବାହ୍ନରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ପରେ ଗ୍ରାମବାସୀ ଏହି ନିଷ୍ପତ୍ତି ନେଇଛନ୍ତି।

ପ୍ରକାଶ ଯେ, ଗାଡ଼ରଖାଇ ଗ୍ରାମ ପାର୍ଶ୍ୱରେ ଥିବା ନାଲ୍‌କୋ କାରଖାନା ଓ ନୂତନ ଭାବେ ଗଢ଼ି ଉଠୁଥିବା ଆଲୁମିନିୟମ ପାର୍କ ଯୋଗୁ ପରିବେଶ ଗ୍ରାମବାସୀଙ୍କ ପାଇଁ ଅନୁପଯୋଗୀ ହେବା ଆଶଙ୍କା ରହିଛି। ତେଣୁ ଗ୍ରାମବାସୀ ସେମାନଙ୍କୁ ବିସ୍ଥାପିତ କରିଦେବା ପାଇଁ ଜିଲା ପ୍ରଶାସନ ପାଖରେ ଦାବି କରିଥିଲେ। ହେଲେ ଏ ନେଇ ଜିଲା ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଅପରପକ୍ଷରେ ଜିଲା ପ୍ରଶାସନ ସମସ୍ୟାର ସମାଧାନ ପାଇଁ ଉତ୍ତର କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ଠାରେ ଏକ ସାମ୍ବିଧାନିକ ବୈଠକ କରିବାକୁ ସ୍ଥିର କରିଥିଲା। କିନ୍ତୁ ଅନୁଗୋଳ ଜିଲାପାଳ କିଛି କାର୍ଯ୍ୟ ଯୋଗୁ ଅନୁପସ୍ଥିତ ଥିବାରୁ ଉକ୍ତ ବୈଠକକୁ ବାତିଲ କରି ଦିଆଯାଇଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ୨୭ ତାରିଖରୁ ନାଲ୍‌କୋ ରେଳ ଲାଇନ ଅବରୋଧ ପାଇଁ ପ୍ରଶାସନକୁ ଚେତାବନୀ ଦେଇଥିଲେ। ଏହା ଜାଣିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ଗ୍ରାମବାସୀଙ୍କ ସହିତ ବଅଁରପାଳ ତହସିଲଦାର ଜିତେନ୍ଦ୍ର କୁମାର ସାହୁ, ଅନୁଗୋଳ ଏସ୍‌ଡିପିଓ ହରିହର ପାଣି ଓ ନାଲ୍‌କୋ ଭୂଅର୍ଜନ ଅଧିକାରୀ ଉପସ୍ଥିତ ରହି ସମସ୍ୟା ଉପରେ ଆଲୋଚନା କରିଥିଲେ। ଆସନ୍ତା ମାସ ୫ ତାରିଖ ଅପରାହ୍ନ ୪ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆରଡିସିଙ୍କ ଅଧ୍ୟକ୍ଷତାରେ ବୈଠକ ବସିବ ବୋଲି ସ୍ଥିର କରାଯାଇଥିବା ଉପଜିଲାପାଳ ଶତପଥୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପବିତ୍ରନଗର, ୨୬।୯(ଡି.ଏନ.ଏ.)

ଅନୁଗୋଳ ଜିଲା ସମଲ ଥାନା ବୁରୁକୁନା ପଞ୍ଚାୟତ ଡେରାଗୋଲା ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସୋଲଗାଁ ଗ୍ରାମର ମନୋଜ କୁମାର ସାହୁଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମନୋଜ ରାତି ପ୍ରାୟ ୧୧ଟାରେ ଘରକୁ ଫେରୁଥିବାବେଳେ ଏକ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସମଲ ଥାନା ଆଇଆଇସି ସୁନୀଲ କୁମାର କର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହା ପରେ ରାତି ପ୍ରାୟ ୨ଟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏ ନେଇ ନଂ. ୧୨୨/୧୮ରେ ଏକ ମାମଲା ରୁଜୁ କରାଯାଇଛି।

## ପ୍ଲାଣ୍ଟ ପରିଦର୍ଶନ କଲେ ଏନ୍‌ଟିପିସି ନିର୍ଦ୍ଦେଶକ



ପ୍ଲାଣ୍ଟ ପରିଦର୍ଶନ କରୁଛନ୍ତି ନିର୍ଦ୍ଦେଶକ।

ତାଳଚେର,୨୬।୯(ନି.ପ୍ର.)

ଏନ୍‌ଟିପିସି ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାପାତ୍ର କଣିହାଁସ୍ଥିତ ଏନ୍‌ଟିପିସି ପ୍ଲାଣ୍ଟ ପରିଦର୍ଶନ କରି ଫେରି ଯାଇଛନ୍ତି। ନିର୍ଦ୍ଦେଶକ ମହାପାତ୍ର ବିଷ୍ଣୁମୂର୍ତ୍ତି ଦର୍ଶନ କରିବା ସହିତ ଷ୍ଟେଜ ୨ର କଣ୍ଟ୍ରୋଲ ରୁମ୍, ମଡେଲ ରୁମ୍ ବୁଲି ଦେଖିଥିଲେ। ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧିକାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ଲାଣ୍ଟର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ସେ ଆଲୋଚନା କରିଥିଲେ।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ମାଟି ଅନୁକୂଳ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ବଇଣ୍ଡା, ୨୬।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ରୋଡ୍‌ଠାରେ ଦଶହରା ପୂଜା ପାଇଁ ପୂଜା କମିଟି ପକ୍ଷରୁ ବୁଧବାର ମାଟି ଅନୁକୂଳ କରାଯାଇଛି। ରେଳ ଷ୍ଟେଶନଠାରୁ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିଲେ। କମିଟିର ପ୍ରଦୀପ କୁମାର ସାହୁ, ସୌମ୍ୟ ପ୍ରକାଶ ଶତପଥୀ, ରାଜେନ୍ଦ୍ର ରାଉତ, ଗିରୀଶ ଚନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ସୁବାସ ଶତପଥୀ, ଛବି ପାତ୍ର, ଲୁଲା ସାହୁ, ରାଜେଶ ଶତପଥୀ, ଅନ୍ତର୍ଯ୍ୟାମୀ ପାତ୍ର, ଶଙ୍କର ଦାସ, ବିକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# 'ମୁଁ ବି ହିରୋ'ର ଆଭିମୁଖ୍ୟ ଉପରେ ଆଲୋଚନା



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହାବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀମାନେ।

ଛେଣ୍ଡିପଦା,୨୬।୯ (ସ୍ୱ.ପ୍ର./ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟରେ ବୁଧବାର 'ମୁଁ ବି ହିରୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଲୋକନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମଞ୍ଚଳ ଖମାରୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର, ଯୁବ ପ୍ରତିଭାମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ପ୍ରକାଶ କରିଥିଲେ। ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ଦିବ୍ୟଲୋଚନ କର୍ଣ୍ଣ, ରମେଶ ଚନ୍ଦ୍ର ସାହୁ , ବ୍ଲକ ସଂଯୋଜକ ଅଜିତ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକା ଅଧାପକମାନେ ଯୋଗ ଦେଇଥିଲେ।

# ବଡହୀରାରେ ପହଞ୍ଚିଲା ଜିଲା ସ୍ୱାସ୍ଥ୍ୟଟିମ୍

କଣିହାଁ, ୨୬।୯(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡହୀରା ଗ୍ରାମରେ ସୋମବାରଠାରୁ ଝାଡାବାନ୍ତି ବ୍ୟାପିଥିବାବେଳେ ବୁଧବାର ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜିଲା ସ୍ୱାସ୍ଥ୍ୟବିଭାଗର ଏକ ଟିମ୍ ଗ୍ରାମରେ ପହଞ୍ଚିଛି। ଏହି ଟିମ୍ ଗ୍ରାମରୁ ପାନୀୟ ଜଳ ନମୁନା ସଂଗ୍ରହ କରିବା ସହ ଲୋକଙ୍କୁ ସଚେତନ କରାଇଛି। ଝାଡାବାନ୍ତିରେ ମଙ୍ଗଳବାର ସୁଦ୍ଧା ପ୍ରାୟ ୪୦ ଜଣ ଆକ୍ରାନ୍ତ ହୋଇଥିବାବେଳେ ୧୨ ଜଣଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୧୦ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡିଛି। ବୁଧବାର ସୁଦ୍ଧା ୬ ଜଣ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଡାକ୍ତର ବିନୋଦ କୁମାର ସାହୁ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। କଣିହାଁ ଜନ ସ୍ୱାସ୍ଥ୍ୟ ଅଧିକାରୀ ଅଭୟ କୁମାର ସାମଲ କହିଛନ୍ତି, ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି। ଝଡାବାନ୍ତିର ପ୍ରଭାବ କମିଛି। ଅପରପକ୍ଷରେ ଗ୍ରାମରେ ୮ଶହରୁ ଊର୍ଦ୍ଧ୍ୱ ଲୋକ ଥିଲେ ମଧ ଅଧିକାଂଶଙ୍କ ଘରେ ଶୌଚାଳୟ ନାହିଁ। ତୁରନ୍ତ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଶୌଚାଳୟ ଯୋଗାଇବାକୁ ଦାବି ହୋଇଛି।

### ୭୦ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା

କଣିହାଁ, ୨୬।୯(ଡି.ଏନ.ଏ.)

କଣିହାଁ ବ୍ଲକ ବଡଗୁଣ୍ଡୁରୀ ପଞ୍ଚାୟତ ବଡହୀରା ଗ୍ରାମରେ ବୁଧବାର ଏନ୍‌ଟିପିସି ତରଫରୁ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଗାଁ ସଭାପତି ପୀତାମ୍ବର ସାହୁ, ପ୍ରକଳ୍ପ ପଦାଧିକାରୀ ଜାକିର ଖାନ, ରାଜେନ୍ଦ୍ର ବେହେରା, ସନ୍ତୋଷ କୁମାର ସାହୁ, ଭୀଷ୍ମ ଚରଣ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଡାକ୍ତର କୁମାର ରଙ୍ଗନାଥନ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୋଟ ୭୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରତିମାସରେ ଏନ୍‌ଟିପିସି ପ୍ରକଳ୍ପ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ଯୋଜନାରେ ଏହି ଶିବିର କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।




ଶିବିରରେ ଉପସ୍ଥିତ ଡାକ୍ତରଙ୍କ ସମେତ ଅନ୍ୟମାନେ।

ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଡାକ୍ତରଖାନାରୁ ବାଇକ୍ ଚୋରି



ଭୁବନ, ୨୬।୯(ଡି.ଏନ.ଏ.)
ଢେଙ୍କାନାଳ ଜିଲା ଭୁବନ ଡାକ୍ତରଖାନା ସମ୍ମୁଖରୁ ମଙ୍ଗଳବାର ସକାଳେ ବାଇକ୍ (ଓଡି ୦୬ ଏ ୬୫୫୭) ଚୋରି ହୋଇଛି। ଏକତାଳି ଗ୍ରାମର ସିଦ୍ଧାର୍ଥଶଙ୍କର ସାହୁ ନିଜ ବାପାଙ୍କ ଚିକିତ୍ସା କରାଇବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବାବେଳେ କେହି ଜଣେ ତାଙ୍କ ବାଇକ୍ ଚୋରି କରି ନେଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ନଂ. ୧୮୨/୧୮ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତ କଏଦ ହୋଇଛନ୍ତି। ଏହାକୁ ଯାଞ୍ଚ କରି ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

### ୪ କ୍ରୋମାଇଟ୍ ବୋଝେଇ ଟ୍ରକ୍ ଜବତ



ଭୁବନ, ୨୬।୯(ଡି.ଏନ.ଏ.)
ଢେଙ୍କାନାଳ ଜିଲା ଭୁବନ ପୋଲିସ ମଙ୍ଗଳବାର ରାତିରେ ୪ଟି ବେଆଇନ କ୍ରୋମାଇଟ ବୋଝେଇ ଟ୍ରକ୍ ଓଆର ୦୯ ଡି ୪୦୪୭, ଓଆର ୦୪ଡି ୯୪୪୭, ଓଆର ୦୪ ଇ୯୪୭୩, ଓଆର ୦୯ ଇ ୮୩୫୫ ଜବତ କରିଛି। ଉକ୍ତ କ୍ରୋମାଇଟ ବାହାରକୁ ଚାଲାଣ କରାଯାଉଥିଲା। ସୂଚନାପାଇ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ଯାଜପୁର-ଭୁବନ ସୀମାରେ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ।

### ଭାଲୁ ଆକ୍ରମଣରେ ୨ ଗୁରୁତର

କାମାକ୍ଷାନଗର, ୨୬।୯(ଡି.ଏନ୍.ଏ.)
ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କେରଜୋଳି ଗ୍ରାମରେ ବୁଧବାର ଭାଲୁ ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେଶା ସିରିଆ (୬୩) ଏବଂ ଗୋପାଳ ସୋରେନ୍ (୧୮)। ଉଭୟେ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ପ୍ରଥମେ କେଶାଙ୍କୁ ଭାଲୁ ଆକ୍ରମଣ କରିଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇ ଗୋପାଳ ମଧ୍ୟ ଭାଲୁ ଦ୍ୱାରା କ୍ଷତାକ୍ତ ହୋଇଥିଲେ। ସେମାନେ କୌଶଳକ୍ରମେ ଭାଲୁକୁ ଘଉଡ଼ାଇବାରେ ସମର୍ଥ ହୋଇଥିଲେ। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ହିନ୍ଦୋଳ, ୨୬।୯(ଡି.ଏନ.ଏ.)
ହିନ୍ଦୋଳ ଅଞ୍ଚଳର ଧର୍ମପ୍ରାଣା ମହିଳା ସତ୍ୟଭାମା ପଟ୍ଟନାୟକ (୭୫)ଙ୍କ ବୁଧବାର ପରଲୋକ ହୋଇଯାଇଛି। ମଙ୍ଗଳବାର ଭୋର୍‌ରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ସମୟରେ ତାଙ୍କ ନିକଟରେ ପୁଅ ରବିନାରାୟଣ ପଟ୍ଟନାୟକଙ୍କ ସମେତ ନିକଟ ସମ୍ପର୍କୀୟ ଉପସ୍ଥିତ ଥିଲେ।

■ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଭାଜପା କର୍ମକର୍ତ୍ତା

# ଅବହେଳାରୁ ଧିମେଇଛି ବିକାଶ

ପରଜଙ୍ଗ, ୨୬।୯(ଡି.ଏନ୍.ଏ.)


ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତାବୃନ୍ଦ।

ରାଜ୍ୟ ସରକାରଙ୍କ ଉଦାସୀନତାରୁ ପରଜଙ୍ଗ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଧିମେଇଛି। ଲୋକମାନେ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ରାସ୍ତାଘାଟ, କୃଷି, ଜଳସେଚନ ଆଶାନୁରୂପକ ଅଗ୍ରଗତି ହେଉ ନ ଥିବାବେଳେ ପ୍ରସ୍ତାବିତ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ପ୍ରଶାସନିକ ଅଧିକାରୀଙ୍କ ଲାଞ୍ଚଖୋର ମନୋଭାବ ଏବଂ ଜନପ୍ରତିନିଧିଙ୍କ ଅସହଯୋଗ ହିଁ ଏହାର ମୂଳକାରଣ ବୋଲି ଅଭିଯୋଗ ଆଣିଛି ପରଜଙ୍ଗ ବ୍ଲକ ଭାଜପା। ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ ବିଜେଡି ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ।

ପ୍ରଧାନମନ୍ତ୍ରୀ ତାଳଚେର ଗସ୍ତ ସମୟରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ମହେଶ୍ୱନ୍ଦ୍ର ସୁବାହୁସିଂଙ୍କୁ ସ୍ମରଣ କରିଥିଲେ। ଏହାଦ୍ୱାରା ଅଞ୍ଚଳର ଗରିମା ବୃଦ୍ଧି ପାଇଛି। ଏଣୁ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କୁଲେଇ ଟର୍ନେଲ ଜାତୀୟ ରାଜପଥ ୧୪୯ନଂ.ରୁ ଜକା ପର୍ଯ୍ୟନ୍ତ କେନାଲ ମରାମତି କରିବାକୁ ବାରମ୍ବାର ଆନ୍ଦୋଳନ କରାଯାଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ସହ ପତ୍ରାଳାପ କରିଛନ୍ତି। ଏହାପରେ ରାଜ୍ୟ ସରକାର ଉକ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିଛନ୍ତି। ପରଜଙ୍ଗ ବ୍ଲକର ମରୁଡ଼ିଗ୍ରସ୍ତ ୫ ପଞ୍ଚାୟତ କୁଆଲୋ, କଲଦା, ଆମ୍ବପଳାସ, କଙ୍କଡ଼ାସୋଡ଼ା, ପିଟିରି ଗ୍ରାମକୁ ରେଙ୍ଗାଳି ମୁଖ୍ୟ ବାମ କେନାଲରୁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ପାଣି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୦୧୨ରେ ବାରିହାପୁର ମଗରଣ ମୁହାଣ ଏବଂ ପରଜଙ୍ଗ ନୃସିଂହ ସାଗର ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଉଭୟ ପ୍ରକଳ୍ପ ଲାଗି ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ହେଉନାହିଁ। କେନ୍ଦୁଝର-ମେରାମଣ୍ଡଳୀ ରାସ୍ତାକୁ ଜାତୀୟ ରାଜପଥ ଘୋଷଣା କରି ବଡ଼କମରରେ ବ୍ରାହ୍ମଣୀ ନଦୀରେ ସେତୁ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଅନୁମୋଦନ ମଧ୍ୟ କରିଥିଲେ। ହେଲେ ସ୍ଥାନୀୟ ରାଜନେତାଙ୍କ ଅବହେଳାରୁ ଉକ୍ତ ରାସ୍ତାର ଦିଗ ପରିବର୍ତ୍ତନ କରାଯାଇ କାମାକ୍ଷାନଗର-ଢେଙ୍କାନାଳ ରାସ୍ତାରେ ବ୍ରାହ୍ମଣୀ ନଦୀରେ ସେତୁ ନିର୍ମାଣ କରାଯିବାକୁ ଚକ୍ରାନ୍ତ ଚାଲିଛି। ବଡ଼କମରରେ ସେତୁ ନିର୍ମାଣ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ଉପସଭାପତି ସୁଶାନ୍ତ ଦଳବେହେରା, କୃଷକ ମୋର୍ଚ୍ଚା ସଭାପତି ଦୟାନିଧି ସାହୁ, ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ସାହୁ, ବରିଷ୍ଠ ସଭ୍ୟ ନିରାକାର ପ୍ରଧାନ, ଦୁର୍ଗାପ୍ରସାଦ ସାହୁ, ହେମନ୍ତ ସାମଲ, ସନ୍ତୋଷ ସାହୁ, ପ୍ରଶାନ୍ତ ଦଳବେହେରା, ପ୍ରଶାନ୍ତ ନାୟକ, ସଞ୍ଜୟ ରାଉତ, ନବକିଶୋର ବେହେରା, ପ୍ରଦୀପ ସାହୁ, କମଳଲୋଚନ ଦାସ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

■ବିପିଏଲ୍ ଆବେଦନକାରୀଙ୍କୁ ଉପହାସ

# ବିନା ବିଦ୍ୟୁତ୍ ସଂଯୋଗରେ ବିଲ୍

ଓଡ଼ାପଡ଼ା, ୨୬।୯(ଡି.ଏନ୍.ଏ.)



ସବ୍‌ଷ୍ଟେସନ ଚାର୍ଜ ହୋଇନି। ବିଦ୍ୟୁତ୍ ତାର ଟଣାଯାଇନି କି ଦିଆଯାଇନି ସଂଯୋଗ। ହେଲେ ବିପିଏଲ୍ ଆବେଦନକାରୀଙ୍କୁ ଦିଆଯାଇଛି ମାସିକିଆ ବିଲ୍। ଏପରି ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ ଲୁଣି ଗ୍ରାମରେ। ଗ୍ରାମର କାମାକ୍ଷା ପ୍ରସାଦ ବେହେରା ଏପରି ଅଭିଯୋଗ ଆଣିବା ପରେ ପଦାରେ ପଡ଼ିଛି ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟ।

ବିପିଏଲ୍ ତାଲିକାଭୁକ୍ତ କାମାକ୍ଷାପ୍ରସାଦଙ୍କ ସମେତ ଗ୍ରାମର ଅନ୍ୟ କେତେକ ପରିବାର ବିଦ୍ୟୁତ୍ ସଂଯୋଗ ଲାଗି ଆବେଦନ କରିଥିଲେ। ଅଗଷ୍ଟରେ ବିଭାଗୀୟ କର୍ମଚାରୀମାନେ ଆସି ଘରକୁ ତାର ଟାଣିଥିଲେ। ହେଲେ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ଚାର୍ଜ ହୋଇ ନ ଥିବାରୁ ଏ ଯାଏ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। କିନ୍ତୁ କାମାକ୍ଷାଙ୍କୁ ମିଳିଛି ୪୯୨ ଟଙ୍କାର ବିଦ୍ୟୁତ୍ ବିଲ୍। ଏହାକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଏ ସମ୍ପର୍କରେ ଢେଙ୍କାନାଳ ବିଦ୍ୟୁତ୍ ଡିଭିଜନ-୩ ସେକ୍ସନ କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ସାହୁ କୁହନ୍ତି, ଅନେକ ଉପଭୋକ୍ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ତଦନୁଯାୟୀ ସମସ୍ତଙ୍କୁ ବିଲ୍ ପଠାଯାଇଛି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଅଭିଯୋଗକୁ ଅନୁଧ୍ୟାନ କରି କାମାକ୍ଷାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ। ଏ ସମ୍ପର୍କରେ ସେସୁ ନିର୍ବାହୀ ଯନ୍ତ୍ରୀ ସ୍ୱପ୍ନସରିତ୍ ମିଶ୍ର କୁହନ୍ତି, ଅଭିଯୋଗର ଅନୁଧ୍ୟାନ କରାଯିବ, ଯଦି ତ୍ରୁଟି କାରଣରୁ ବିଲ୍ ଯାଇଥିବ ତେବେ ତାକୁ ସଂଶୋଧନ କରାଯିବ।

■ସ୍ଥାୟୀ ଜମି ପଟ୍ଟା ଦାବି କଲେ ଭୂମିହୀନ

# ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା



ପରଜଙ୍ଗ, ୨୬।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ସ୍ଥାୟୀ ଜମି ଓ ଘର ଡିହ ପଟ୍ଟା ଦାବିରେ ବୁଧବାର ତହସିଲ କାର୍ଯ୍ୟାଳୟ ଆଗରେ ଧାରଣରେ ବସିଥିଲେ।

ସମ୍ପୃକ୍ତ ପରିବାରର ବାପା, ଜେଜେବାପାଙ୍କୁ ୧୯୭୨ରୁ ୧୯୭୫ ଯାଏ ଅସ୍ଥାୟୀ ଜମି ପଟ୍ଟା ଦିଆଯାଇଥିଲା। ହେଲେ ପରେ ସେମାନଙ୍କୁ ସ୍ଥାୟୀ ପଟ୍ଟା ଦିଆଗଲାନହିଁ। ସେମାନେ ଟଙ୍କା ଖର୍ଚ୍ଚ କରି ଉକ୍ତ ଜମିରେ ଚାଷବାସ କରୁଛନ୍ତି। କ୍ଷେତରେ ହାତୀ ଉପଦ୍ରବ କରୁଥିବାବେଳେ ଜମି ପଟ୍ଟା ନ ଥିବାରୁ ସେମାନଙ୍କୁ କ୍ଷତିପୂରଣ ମିଳୁନାହିଁ। ଏ ନେଇ ସେମାନେ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ଏହାପରେ ୨୦୧୮ ଜୁନ୍ ୧୨ରେ ସମ୍ପୃକ୍ତ ପରିବାର ଲିଜ୍ ଫର୍ମରେ ଆବେଦନ କରିଥିଲେ। ହେଲେ ଏଥିରୁ ବାଦ୍ ପଡ଼ିଥିବା ଜଣାପଡ଼ିବା ପରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ବିଚାର କରି ଭୂମିହୀନ ପରିବାରକୁ ସ୍ଥାୟୀ ପଟ୍ଟା ଯୋଗାଇ ଦେବା ଦାବିରେ ପଦ୍ମଚରଣ ଦେହୁରୀ, ମେଘ ଖଟୁଆ, ଟିକମ ନାଏକ, ଧନେଶ୍ୱର ନାଥ, ଗଭା ନାଏକ, ମଲ୍ଲିକା ନାଏକ, ମୁରଲୀ ନାଏକ ପ୍ରମୁଖ ଧାରଣାରେ ବସିଥିଲେ। ହେଲେ ତହସିଲଦାର ଅନୁପସ୍ଥିତ ଥିବାରୁ ସେମାନେ ଅପରାହ୍ନରେ ବାଧ୍ୟ ହୋଇ ନିରାଶରେ ଘରକୁ ଫେରିଆସିଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏ ଦିଗରେ ତହସିଲ ପ୍ରଶାସନ ବିଚାର ନ କଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଧୁମ୍‌ଧାମ୍‌ରେ ସରିଲା ଖୁଦୁରୁକୁଣୀ ଭସାଣି

ପରଜଙ୍ଗ, ୨୬।୯(ଡି.ଏନ୍.ଏ.)

ପରଜଙ୍ଗ ଅଞ୍ଚଳର ପ୍ରସିଦ୍ଧ ଖୁଦୁରୁକୁଣୀ ଓଷା ଶେଷ ହୋଇଛି। ବୁଧବାର ଧୁମ୍‌ଧାମରେ ମା'ମଙ୍ଗଳାଙ୍କୁ ବିଦାୟ ଦେଇଛନ୍ତି ଅଞ୍ଚଳବାସୀ। ବାଜା, ବାଣ, ଡିଜେ ସାଉଣ୍ଡରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିବାବେଳେ ଏଥିରେ ସାମିଲ ହୋଇଥିଲେ ହଜାର ହଜାର ଶ୍ରଦ୍ଧାଳୁ। ପରିବାରର ମଙ୍ଗଳ ମନାସି ମହିଳାଯୁବତୀମାନେ ଗ୍ରାମର ବିଭିନ୍ନ ମଣ୍ଡପରେ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥିଲେ। ବୁଧବାର ସନ୍ଧ୍ୟାରେ ମେଡିକାଲସ୍ଥିତ ମେଳଣ ପଡ଼ିଆରେ ସମସ୍ତ ମେଢ଼ ଏକତ୍ରିତ ହୋଇ ଭସାଣି ଶୋଭାଯାତ୍ରାରେ ବାହାରିଥିଲେ। ସାଦନପଦା ସାହି, ଗଡ଼ଭିତର ସାହି, ବଜାର ସାହି ସମେତ ଆଖପାଖ ସାହିର ମେଢ଼ ଏଥିରେ ସାମିଲ ହୋଇଥିଲେ। ନଗର ପରିକ୍ରମା ପରେ କେନାଲରେ ସମସ୍ତ ମୂର୍ତ୍ତି ବିସର୍ଜନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ମୁତୟନ ହୋଇଥିଲେ।

# ହକ୍ ଦାବିରେ ଗର୍ଜିଲେ ଶ୍ରମିକ



ଜିଲା କାର୍ଯ୍ୟାଳୟ ଆଗରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୨୬।୯

ଅଲ୍ ଇଣ୍ଡିଆ କନ୍‌ଷ୍ଟ୍ରକ୍‌ଶନ ୱାର୍କର୍ସ ଫେଡେରେଶନ (ଏଆଇସିଡବ୍ଲ୍ୟୁଏଫ୍) ପକ୍ଷରୁ ୧୩ଦଫା ଦାବି ନେଇ ବୁଧବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମିକମାନେ ଶୋଭାଯାତ୍ରାରେ ବାଜିଚୌକ୍‌ରୁ ବାହାରି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ନାରାବାଜି କରିଥିଲେ।

ଠିକ୍ ଭାବେ ସେସ୍ ଆଦାୟ, ନିର୍ମାଣ ଶ୍ରମିକଙ୍କ ପାଇଁ ବଜେଟରେ ୩% ସେସ୍ ବ୍ୟବସ୍ଥା, ପଞ୍ଜୀକରଣ ପ୍ରକ୍ରିୟା ସରଳ କରିବା, ବର୍ଷାକାଳୀନ ଭତ୍ତା, ପେନ୍‌ସନ ବ୍ୟବସ୍ଥା, ଥଇଥାନ, ଜମିପଟ୍ଟା, ଇଏସ୍‌ଆଇ, ଇପିଏଫ୍, ଗ୍ରାଚ୍ୟୁଇଟି, ଯୌନ ନିର୍ଯାତନା ଦେଉଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ, ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କୁ ସୁରକ୍ଷା ପ୍ରଦାନ ଆଦି ୧୩ଦଫା ଦାବିନେଇ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ସଭାପତି ବନ୍ଧୁ ପ୍ରଧାନ, ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଶ୍ରୀନିବାସ ସାହୁ, ବସନ୍ତ ପଟ୍ଟନାୟକ, ସୁକାନ୍ତି ଖୁଣ୍ଟିଆ, ଶ୍ରୀଧର ସାହୁ, ହୃଷୀକେଶ ମଲ୍ଲିକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବ୍ଲକ ବିଜେଡି ସଭାପତିଙ୍କ ଉଦ୍ୟମରେ ତିଆରି ହେଲା ରାସ୍ତା

ପରଜଙ୍ଗ, ୨୬।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥର ଜଟିଆ ଛକରୁ ସରାଙ୍ଗ କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ଲଗାଣ ବର୍ଷାରେ ଶୋଚନୀୟ ହୋଇପଡ଼ିଥିଲା। ମରଣଯନ୍ତା ପାଲଟିଥିବା ଉକ୍ତ ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ବାଇକ୍‌ରେ ଯାତାୟାତ କରିବା ମଧ୍ୟ କଷ୍ଟକର ହୋଇପଡୁଥିଲା। ସମସ୍ୟାକୁ ହୃଦୟଙ୍ଗମ କରି ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି ରାସ୍ତା ମରାମତି କରିବାକୁ ନିଷ୍ପତ୍ତି ନେଇଥିଲେ। ବୁଧବାର ରାଜକିଶୋର ସାହୁ, ପ୍ରେମାନନ୍ଦ ସାହୁ, ଡାକ୍ତର ରଣା, ବିଶ୍ୱନାଥ ପ୍ରଧାନ, ସାରଥି ବାରିକ, ସଞ୍ଜୟ ଖୁଣ୍ଟିଆଙ୍କ ସମେତ ଅନ୍ୟ ଦଳୀୟ କର୍ମୀଙ୍କ ସହ ଜେସିବି ସହାୟତାରେ ରାସ୍ତା ମରାମତି କରାଯାଇଛି। ଏହାପରେ ଯାତାୟାତ କିଞ୍ଚିମାତ୍ରାରେ ସ୍ୱାଭାବିକ ହୋଇପାରିଛି। ବ୍ଲକ ବିଜେଡି ସଭାପତିଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଏ ସଂକ୍ରାନ୍ତରେ କୃଷ୍ଣଚନ୍ଦ୍ର କୁହନ୍ତି, କେବଳ ରାଜନୀତି କଲେ ସେବା କରିହେବ ଏକଥା ଭାବିବା ଠିକ୍ ନୁହେଁ। ଆକୁଣ୍ଠିତ ହୃଦୟରେ ଜନତାଙ୍କ ସେବା କରାଯାଇପାରିଲେ ତାହା ହିଁ ହେବ ରାଜନୀତିର ସଫଳତା।


ଜେସିବି ସହାୟତାରେ ରାସ୍ତା ମରାମତି କରାଯାଉଛି।

# ବନୀକରଣ ଜୈବ ବିବିଧତାର ଅମୋଘ ଅସ୍ତ୍ର

ହିନ୍ଦୋଳ, ୨୬।୯(ଡି.ଏନ.ଏ.)

ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜରେ ବୁଧବାର ଉଦ୍ଭିଦ ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବିନୟ ନାରାୟଣ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ପଦାର୍ଥ ବିଜ୍ଞାନ ମୁଖ୍ୟ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ବନୀକରଣ ଜୈବ ବିବିଧତାର ଅମୋଘ ଅସ୍ତ୍ର ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୁକାନ୍ତ କୁମାର ପତି, ଜୟନ୍ତ ନାରାୟଣ ପତି, ଶିବଶଙ୍କର ଦାସ, କିଶୋର କୁମାର ପୃଷ୍ଟି, ଅଧ୍ୟାପକ ଡ.ମହେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷାରେ ଉଦ୍ଭିଦ ବିଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ, ଡେମୋନ୍‌ଷ୍ଟ୍ରେଟର ଦିଲୀପ କୁମାର ସାହୁ, କର୍ମଚାରୀ ନୀଳକଣ୍ଠ ଜେନାମଣି, ଜିନୁ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରାବଣୀ ସାହୁ, ଶ୍ରୀୟାସାଲୋନୀ ଦାସ, ଅବିନାଶ ମୁଦୁଲି, ଆର୍. ସ୍ମିତା ବେହେରା, ଋତୁପର୍ଣ୍ଣା ବେହେରା, ଅପର୍ଣ୍ଣା ସାହୁ ନିଜର ବକ୍ତବ୍ୟ ରଖିଥିବାବେଳେ ଅଧ୍ୟାପିକା ଶୁଭଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର


କଟକ ହାଇକୋର୍ଟ ଆଇନଜୀବୀଙ୍କୁ ପୋଲିସର ମାଡ଼ ଅଭିଯୋଗରେ ଆନ୍ଦୋଳନକୁ ଆହୁରି ତୀବ୍ର କରିଛି ଭୁବନ ଓକିଲ ସଂଘ। ବୁଧବାର ଆଇନଜୀବୀମାନେ ଏକାଠି ହୋଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସଭାପତି ବାବୁଲି ସେଠୀଙ୍କ ନେତୃତ୍ୱରେ ବହୁ ଓକିଲ ଆନ୍ଦୋଳନରେ ସାମିଲ ହୋଇଥିଲେ।


ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. କମଳାକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଡାକ୍ତରଖାନା ପରିସରରେ ସଫେଇ କରିଥିଲେ।


ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜ ଏନ୍‌ସିସି ପକ୍ଷରୁ ବୁଧବାର ସ୍ୱଚ୍ଛତା ଦିବସ ପାଳିତ ହୋଇଛି। କ୍ୟାଡେଟ୍‌ମାନେ କାଳୀବଜାରସ୍ଥିତ ଶହୀଦ ବାଜି ରାଉତଙ୍କ ସ୍ମୃତିପୀଠ ପରିସରରେ ସଫେଇ କରିଥିଲେ। ଏଥିସହ ଜମି ରହିଥିବା ଆବର୍ଜନା ମଧ୍ୟ ସଫା କରାଯାଇଥିଲା।

